Total No. of printed pages : 15

**SET - D**

SL. 1001-D

Roll No.

**602 R/E**

**( Regular / Ex-Regular )**

**M.I.L. (ODIA) — (SCIENCE)**

**( For Students Registered in 2016, 2017 & 2018 )**

# 2020 (A)

# M.I.L. - (ODIA)

## (SCIENCE)

Full Marks - 100

Time - 3 Hours

ଦକ୍ଷିଣ-ପାର୍ଶ୍ୱରେ ପ୍ରଦତ୍ତ ସଂଖ୍ୟା ପ୍ରଶ୍ନର ମୂଲ୍ୟ ସୂଚିତ କରେ ।

ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

https://www.odishaboard.com

୧ । ଗୋଟିଏ ଲେଖାଏଁ ବାକ୍ୟରେ ଯେ କୌଣସି ୩ଟି ପ୍ରଶ୍ନର ଉତ୍ତର ଦିଅ : ୧ × ୩ = ୩

କ) କଲିକତାରେ କେତେବେଳେ ତୋପ ପଡ଼େ ବୋଲି କୁହାଯାଇଛି ?

ଖ) ମାଝିର ଭାଷା କେଉଁ ସବୁ ଭାଷାର ମିଶାମିଶି ଭାଷା ଥିଲା ?

ଗ) ହଂସମାନେ ବେଶି (ଉପରକୁ) ଉଠିପାରୁ ନଥିଲେ କାହିଁକି ?

ଘ) ପଳାପଳା କରି କିରାସିନି ମାପି ଦେଉଥିବା ବୃଦ୍ଧାଟିର ବୟସ କେତେ ଥିଲା ?

୨ । ୧୫୦ ଶବ୍ଦରେ ଉତ୍ତର ଦିଅ : ୪

ସେ ବନ୍ଦୀ କିଏ ଓ ସେ କିଭଳି ବିରହର ବ୍ୟଥା ଅନୁଭବ କରିଛନ୍ତି ?

**ଅଥବା**

ପ୍ରକୃତ ବଡ଼ପଣ ସମ୍ପର୍କରେ କବିଙ୍କର ଅଭିମତ ଆଲୋଚନା କର ।

୩ । ଲେଖା ଓ ଲେଖକଙ୍କ ନାମୋଲ୍ଲେଖସହ ଦୁଇଟି ଲେଖାଏଁ ବାକ୍ୟରେ ଯେ କୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ : ୨ × ୨ = ୪

କ) ପିଣ୍ଡା ଉପରେ ବସିଥିବା ଲୋକଙ୍କୁ ଅଶୋକ କ'ଣ ପଚାରି ଥିଲେ ?

ଖ) ପୁଲିସ୍ ଥାନା ଆଗରେ କ'ଣ ଦେଖାଯାଇଥିଲା ?

ଗ) ଚାରିଦିନ ଧରି ବରକନ୍ୟା ମଧ୍ୟରେ କ'ଣ ଚାଲିଥିଲା ?



https://www.odishaboard.com

୪ । ଗଳ୍ପ ଓ ଗାଳ୍ପିକଙ୍କ ନାମୋଲ୍ଲେଖପୂର୍ବକ *୩୦* ଶବ୍ଦରେ **ଗୋଟିଏ ପ୍ରଶ୍ନର** ଉତ୍ତର ଦିଅ : ୩

(କ) ମହାପଣ୍ଡିତେ ଜନ୍ମପର ପତନ ଭଳି ଘଟଣାକୁ ଉଲ୍ଲେଖଯୋଗ୍ୟ ବିଚ୍ୟୁତି ନଥିଲେ କାହିଁକି ?

(ଖ) କେହି 'ବୋହୂ ପାଆନ୍ତାଣୀ' ବୋଲି କହିଲେ ଜମିଦାର କାହିଁକି ଭାରି ଖପା ହୋଇଯାଉଥିଲେ ?

୫ । ତୁମ **ଅଞ୍ଚଳରେ** ଥିବା **ଅରଣ୍ୟ** ସମ୍ପଦର ସୁରକ୍ଷା ଲାଗି କୌଣସି ଦୈନିକ ସମ୍ବାଦ ପତ୍ରର ସଂପାଦକଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ଏକ ପତ୍ର ଲେଖ । ୫

**ଅଥବା**

କଟକ ବାଲିଯାତ୍ରା ବୁଲିବାର ତୁମ ଅନୁଭୂତି ବର୍ଣ୍ଣନା କରି ଦୂରରେ ପାଠ ପଢୁଥିବା ବଡ଼ ଭାଇଙ୍କ ନିକଟକୁ ଏକ ପତ୍ର ଲେଖ ।

୬ । ପ୍ରତି ପ୍ରଶ୍ନତଳେ ଥିବା ଚାରିଗୋଟି ସମ୍ଭାବ୍ୟ ଉତ୍ତର ସଂଯୋଜିତ । ଠିକ୍ ଉତ୍ତରଟି ବାଛି ଲେଖ । ୧ × ୫ = ୫

(କ) କେଉଁ ବେମାରିରେ ଗୋପାଳ ଚନ୍ଦ୍ରଙ୍କର ମୃତ୍ୟୁ ହୋଇଥିଲା ?

i) ରାଜଯକ୍ଷ୍ମା

ii) ଝାଡ଼ାବାନ୍ତି

iii) ଶ୍ୱାସ

iv) ସନ୍ନିପାତ

(ଖ) ପାଆନ୍ତାଣୀଙ୍କର ବିଶ୍ୱାସୀ ପୋଇଲି କିଏ ?

i) ପଦୀ

ii) ରାଧୀ

iii) କନି

iv) ଫୁଲ



https://www.odishaboard.com

ଗ) ରାୟବାହାଦୁରଙ୍କ ପୁତ୍ରବଧୂର ନାମ କ'ଣ ଥିଲା ?

i) ହେମମାଳିନୀ

ii) ଅପର୍ଣ୍ଣା

iii) ସୁପର୍ଣ୍ଣା

iv) ସୁରମା

ଘ) ଧର୍ମଘଟ ବେଳେ ମାଷ୍ଟରଜୀଙ୍କ ଦରମା କେତେ ଥିଲା ?

i) ତିରିଶ ଟଙ୍କା

ii) ପନ୍ଦର ଟଙ୍କା

iii) ତେର ଟଙ୍କା

iv) ଅଠର ଟଙ୍କା

ଙ) ଶୂନ୍ୟରୁ ଖସିଲାବେଳେ କଚ୍ଛପଟି କେଉଁ ଶବ୍ଦ ଉଚ୍ଚାରଣ କରିଥିଲା ?

i) ମୂର୍ଖ

ii) ଦୁଷ୍ଟ

iii) ନିର୍ବୋଧ

iv) ପାଗଳ

୭ । ଯେ କୌଣସି **ଗୋଟିକର** ଆଧାରରେ ବର୍ଣ୍ଣନାତ୍ମକ ଲିଖନ ପ୍ରସ୍ତୁତ କର : ୪

କ) ଗୋଦରଘା କୋଡ଼େ ଯେତେ ମାଡ଼େ ସେତେ

ଖ) ନ ଦେଖୁଲା ଓଲ ଛ'ଫଡ଼ା

ଗ) କାଉ ଘରେ ମିରିଗ ନାଚ ।



https://www.odishaboard.com

୮ । ନିମ୍ନ ଅନୁଚ୍ଛେଦଟି ପାଠକରି ତା ତଳେ ଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ :

ସମ୍ରାଟ ଖାରବେଳ, ଅନଙ୍ଗ ଭୀମଦେବ, ଲାଙ୍ଗୁଳା ନରସିଂହଦେବ ଓ ଶେଷରେ ଗଜପତି କପିଳେନ୍ଦ୍ର ଦେବ ଓ ପୁରୁଷୋତ୍ତମ ଦେବଙ୍କ ଦିଗ୍‌ବିଜୟର କାହାଣୀ ଶିଳାଲିପିରେ ଓ ମନ୍ଦିର ଗାତ୍ରରେ ଯେତେ ଖୋଦିତ ହୋଇଛି, ଲେଖନୀରେ ସେତେ ଲିପିବଦ୍ଧ ହୋଇନାହିଁ । ମନ୍ଦିରର ମୁଖ୍ୟଦ୍ୱାର ଥିଲା ସିଂହଦ୍ୱାର । ଗଜସିଂହ ମୂର୍ତ୍ତି ଆମ ଶକ୍ତିମତ୍ତାର ପ୍ରତୀକ ଥିଲା । ଏବେ ମଧ୍ୟ ପୁରୀ ଗଜପତି ମହାରାଜାଙ୍କ ନାମ ପୂର୍ବରୁ "ବୀରଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ବୀରାଧିବର ଶ୍ରୀପ୍ରତାପ ବୀର" ସେହି ଅତୀତ ଗୌରବର ସନ୍ତକ ବହନ କରେ । ଏବର ନାଗାନୃତ୍ୟ ଓ ପାଇକ ନୃତ୍ୟରୁ ଅତୀତର ଯୋଦ୍ଧୃବେଶର ସଂକେତ ମିଳେ । ତା'ର ପୃଷ୍ଠଦେଶରେ ଗଣ୍ଡାଚର୍ମର ଢାଲ, ବହୁ ଶର ସଂଯୁକ୍ତ ଧନୁ, କଟି ଦେଶରେ ତରବାରୀ, କୁଡ଼ି, ବ୍ୟାଘ୍ରଚର୍ମ, ଘଣ୍ଟି, ହସ୍ତରେ ବନ୍ଧୁକ — ଓଡ଼ିଆ ପାଇକ ତା'ର ଶେଷ ବିଦ୍ରୋହରେ ମଧ୍ୟ ପ୍ରାଚୀନ ଓ ଆଧୁନିକ ଅସ୍ତ୍ର ବ୍ୟବହାର କରିଥିଲା । ସତର୍କ କରାଇବାକୁ ନାଗା ସିଙ୍ଗା ବଜାଏ । ପ୍ରାର୍ଥନା ଓ ଜପତପ କରିବାପାଇଁ ଗଳାରେ ତୁଳସୀମାଳା ଧାରଣ କରିଥାଏ । ଶରୀରରେ ହରିଦ୍ରା ବର୍ଣ୍ଣର ରାମରଜ, ଲଲାଟରେ ସିନ୍ଦୂର ବିନ୍ଦୁ, ହସ୍ତରେ ଏରା ପକ୍ଷୀ ଓ ମସ୍ତକରେ ମୟୂର ଚୂଳ, ନାଗାର ଦୀର୍ଘ ନିଶ, ଗାଲମୁଚା, ଆଖିରେ ବୀରତ୍ୱବ୍ୟଞ୍ଜକ ଚୂହାଣି, ପାଦରେ ପାହୁଲ, ଯୋଡ଼ି ନାଗରାର ତାଳେ ତାଳେ ତା'ର ଉଦଣ୍ଡ ନୃତ୍ୟ ଦର୍ଶକର ଭୀତି ସଂଗ୍ରହ କରେ । ଏହାହିଁ ଅତୀତ ଯୋଦ୍ଧୃବେଶର ପ୍ରତିରୂପ ।



https://www.odishaboard.com

**1001-D**

ପ୍ରଶ୍ନାବଳୀ :

କ) *ଦୁଇଟି* ଲେଖାଏଁ ବାକ୍ୟରେ ଉତ୍ତର ଦିଅ : ୨ × ୩ = ୬

i) ସତର୍କ କରାଇବାକୁ ଓ ପ୍ରାର୍ଥନା କରିବାକୁ ନାଗା କ'ଣ କରିଥାଏ ?

ii) ଲେଖନୀରେ କ'ଣ ଅଧିକ ଲିପିବଦ୍ଧ ହୋଇ ନାହିଁ ?

iii) କ'ଣ ଦର୍ଶକର ଭୀତି ସଂଗ୍ରହ କରେ ?

ଖ) *ଗୋଟିଏ* ଲେଖାଏଁ ବାକ୍ୟରେ ଉତ୍ତର ଦିଅ : ୧ × ୪ = ୪

i) ମନ୍ଦିରର ମୁଖ୍ୟଦ୍ୱାରର ନାମ କ'ଣ ଥିଲା ?

ii) ଏବର ନାଗାନୃତ୍ୟ ଓ ପାଇକ ନୃତ୍ୟରୁ କ'ଣ ସଂକେତ ମିଳେ ?

iii) ଆମ ଶକ୍ତିମତ୍ତାର ପ୍ରତୀକ କ'ଣ ଥିଲା ?

iv) ତା'ର ଶେଷ ବିଦ୍ରୋହରେ ଓଡ଼ିଆ ପାଇକ କ'ଣ ବ୍ୟବହାର କରିଥିଲା ?

୯ । ନିମ୍ନ ଗଦ୍ୟାଂଶକୁ ଏକତୃତୀୟାଂଶ ଶବ୍ଦରେ ପ୍ରକାଶ କର : ୫

ସାରଳା ଦାସଙ୍କ ମହାଭାରତ ପାଠ କଲେ ବେଳେବେଳେ ମନେ ହୁଏ ସାରଳା ଦାସ କର୍ଣ୍ଣଙ୍କୁ ନାୟକ କରିଛନ୍ତି କି ? ମହାଭାରତର ବହୁ ସ୍ଥାନରେ କର୍ଣ୍ଣଙ୍କର ବିଷୟ ବର୍ଣ୍ଣିତ ଅଛି । ଅର୍ଜୁନଙ୍କ ଅପେକ୍ଷା କର୍ଣ୍ଣଙ୍କୁ ଶୌର୍ଯ୍ୟରେ, ବୀର୍ଯ୍ୟରେ, ବୁଦ୍ଧିରେ, ଦାନରେ, ମାନବତାରେ ସାରଳାଦାସ ବେଶି ସ୍ଥାନ ଦେଇଛନ୍ତି । କର୍ଣ୍ଣଙ୍କ ଚରିତ ବର୍ଣ୍ଣନା କଲାବେଳେ ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ ପ୍ରତି ମନ ସ୍ୱତଃ ଆକୃଷ୍ଟ



https://www.odishaboard.com

ହୋଇଯାଏ । ଦ୍ରୌପଦୀଙ୍କ ସ୍ୱୟମ୍ବରରେ କର୍ଣ୍ଣ ଲକ୍ଷ୍ୟଭେଦୀ ପରୀକ୍ଷାରେ ଯଶସ୍ୱୀ ହୋଇଥିଲେ ; କିନ୍ତୁ ଶ୍ରୀକୃଷ୍ଣଙ୍କ ମାୟା ତାଙ୍କୁ ଯଶସ୍ୱୀ ରୂପେ ପରିଚିତ ନ କରାଇ ପରାସ୍ତ ବୋଲି ପରିଚିତ କରାଇଲା । ମହାବୀର କର୍ଣ୍ଣଙ୍କୁ ଯୁଦ୍ଧକ୍ଷେତ୍ରରେ ଶ୍ରୀକୃଷ୍ଣଙ୍କ ପରାମର୍ଶ ମତେ ଅଧର୍ମ ଉପାୟରେ ହିଁ ହତ୍ୟା କରାଗଲା । ନଚେତ୍ ସେ ପରାସ୍ତ ହେବାର ପାତ୍ର ନୁହନ୍ତି । କୁନ୍ତୀଙ୍କୁ ଅମୃତ କୁଣ୍ଡଳ ଦାନ ଦେଇ ସେ ନିଜ ମୃତ୍ୟୁ ପଥ ପରିଷ୍କାର କରି ଦେଇଥିଲେ । ଅର୍ଜୁନ କର୍ଣ୍ଣଙ୍କର ପ୍ରତିଦ୍ୱନ୍ଦ୍ୱୀ । ଅର୍ଜୁନ ଓ ପାଣ୍ଡବମାନଙ୍କୁ ପରାସ୍ତ କରିବା ତାଙ୍କ ଜୀବନର ଲକ୍ଷ୍ୟ ଥିଲା । ସେ ଏଥିରେ ବହୁ ଅଂଶରେ ସାଫଲ୍ୟ ଲାଭ କରିଥାଆନ୍ତେ ; କିନ୍ତୁ ଶକୁନି ଓ କୃଷ୍ଣଙ୍କ ଷଡ଼ଯନ୍ତ୍ର ତାଙ୍କୁ ପ୍ରତିପଦରେ ବାଧା ଦେଉଥିଲା । ସାରଳା ଦାସଙ୍କ କର୍ଣ୍ଣ ଏକ ଅସାଧାରଣ ଚରିତ୍ର ।

ସାରଳା ମହାଭାରତରେ ଶ୍ରୀକୃଷ୍ଣଙ୍କୁ ସ୍ୱୟଂ ଭଗବାନ ବୋଲି ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ବିଶେଷ ଭାବରେ ତାଙ୍କୁ କୌତୁକପ୍ରିୟ, ଚକ୍ରୀ ରୂପରେ ପରିଚିତ କରାଯାଇଛି । ପାଣ୍ଡବମାନଙ୍କ ପ୍ରତି ସେ ଅତିରିକ୍ତ ଭାବରେ ପକ୍ଷପାତୀ ଥିଲେ । ଶ୍ରୀକୃଷ୍ଣ ପାଣ୍ଡବମାନଙ୍କ ସଖା ରୂପରେ ସାରଳା ମହାଭାରତରେ ବିଶେଷ ଭାବରେ ପରିଚିତ । ଶ୍ରୀକୃଷ୍ଣ କୌରବ କୁଳ ଧ୍ୱଂସଦିଗରେ ବହୁ ଅସତ୍ ଓ ଅଧର୍ମ ପରାମର୍ଶ ପାଣ୍ଡବମାନଙ୍କ ଦେଇଛନ୍ତି । ଯୁଦ୍ଧକ୍ଷେତ୍ରରେ ଅଧର୍ମ ଓ ଅକ୍ଷାତ୍ର ଉପାୟ ଅବଲମ୍ବନ କରିବାକୁ ପାଣ୍ଡବମାନଙ୍କୁ ବରାବର ପରାମର୍ଶ ଦେଇ ଆସିଛନ୍ତି । ସ୍ୱୟଂ ଭଗବାନଙ୍କ ପ୍ରତି ଏଭଳି ସ୍ୱଭାବ ଆରୋପଣ ସାରଳା ଦାସଙ୍କ ପକ୍ଷେ ସମୀଚୀନ ହୋଇନାହିଁ ବୋଲି ମନେ ହୁଏ । ବ୍ୟାସଦେବଙ୍କ ଶ୍ରୀକୃଷ୍ଣଙ୍କ ଅପେକ୍ଷା ସାରଳା ଦାସଙ୍କ ଶ୍ରୀକୃଷ୍ଣ ସ୍ୱଳ୍ପ ଦେବଭାବାପନ୍ନ । ଶକୁନି କୌରବ ମାନଙ୍କର ମନ୍ତ୍ରୀ । ଶ୍ରୀକୃଷ୍ଣ ପାଣ୍ଡବମାନଙ୍କର ପରାମର୍ଶଦାତା । ଉଭୟଙ୍କୁ ପ୍ରତିଦ୍ୱନ୍ଦ୍ୱୀ



https://www.odishaboard.com

ରୂପରେ କଳ୍ପନା କରି ସାରଳା ଦାସ ଶ୍ରୀକୃଷ୍ଣଙ୍କ ଚରିତ୍ରକୁ ଫୁଟାଇବାକୁ ଚେଷ୍ଟା କରିଥିଲା ପରି ଜଣାଯାଏ । ତେବେ ଉଭୟଙ୍କ ଚରିତ୍ରରେ ଆକାଶ ପାତାଳ ପ୍ରଭେଦ ବିଦ୍ୟମାନ ଥିବା କଥା ସାରଳା ଦାସଙ୍କ ମହାଭାରତରୁ ଜଣାଯାଏ ।

୧୦ । ନିର୍ଦ୍ଦେଶାନୁସାରେ ଉତ୍ତର ଦିଅ :

କ) ଯେ କୌଣସି **ଦୁଇଟି** ରଢ଼ିକୁ ବାକ୍ୟରେ ବ୍ୟବହାର କର :

୧ × ୨ = ୨

i) ତିଳକୁ ତାଳ କରିବା

ii) ଭାଲୁ ଧରାଇବା

iii) ଆଖି ଖୋସି ହୋଇଯିବା

iv) ତେଲିଆ ମୁଣ୍ଡରେ ତେଲ ।

ଖ) ଯେ କୌଣସି **ଦୁଇଟିକୁ** ଏକପଦରେ ପ୍ରକାଶ କର :

୧ × ୨ = ୨

i) ପ୍ରତିଷ୍ଠା ଲାଭ କରିଛନ୍ତି ଯିଏ

ii) ପିତାଙ୍କର ଭ୍ରାତା

iii) ଯିଏ ଗ୍ରନ୍ଥ ସୃଷ୍ଟି କରନ୍ତି

iv) ଯେଉଁ ନାରୀକୁ ସୂର୍ଯ୍ୟ ଦେଖିପାରନ୍ତି ନାହିଁ ।

ଗ) ଯେ କୌଣସି **ଦୁଇଯୋଡ଼ା** ସମୋଚ୍ଚାରିତ ଶବ୍ଦର ଅର୍ଥପାର୍ଥକ୍ୟ ଦର୍ଶାଅ : ୧ × ୨ = ୨

i) ରଦ : ରଧ

ii) କୂଜନ : କୂଜନ

iii) ନିତି : ନୀତି

iv) ସତ୍ତ୍ୱ : ସ୍ୱତ୍ୱ



https://www.odishaboard.com

ଘ) ଯେ କୌଣସି **ଦୁଇଟିର** ବିପରୀତାର୍ଥବୋଧକ ଶବ୍ଦ ଲେଖ : ୧ × ୨ = ୨

i) ଆର୍ଦ୍ର

ii) ଐହିକ

iii) ସଂକୋଚନ

iv) ହର୍ଷ ।

ଙ) ଯେ କୌଣସି **ଦୁଇଟିର** ଭ୍ରମ ସଂଶୋଧନ କର : ୧ × ୨ = ୨

i) ଦିବାରାତ୍ରି

ii) ଦୂରାବସ୍ଥା

iii) ଆଧିକ୍ୟତା

iv) ଅକ୍ଷୁର୍ଣ୍ଣ ।

୧୧ । ପ୍ରତ୍ୟେକ ପ୍ରଶ୍ନର ଚାରୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ସେଥି ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ୧ × ୫ = ୫

କ) କାହାର କାର୍ଯ୍ୟ କଦାପି ଅସମ୍ପନ୍ନ ରହିବ ନାହିଁ ?

i) ବିଧାତା

ii) ଜନତା

iii) ଲୋକତନ୍ତ୍ର

iv) ଗଣତନ୍ତ୍ର

ଖ) ଜଳର ଅଭାବରେ କେଉଁଠାରେ ହାହାକାର ପଡ଼ିଛି ?

i) ପୁଷ୍ପପୁର

ii) ଉତ୍କଳ

iii) ପାଟଳିପୁତ୍ର

iv) କୁସୁମଧ୍ୱଜ



https://www.odishaboard.com

ଗ) ଭାରତରେ କ'ଣ 'ଲଙ୍କାରେ ହରିଣଦ ପରି' ବୋଲି କୁହାଯାଇଛି ?

i) ବ୍ୟକ୍ତିଗତ ଅଧିକାର

ii) ଅର୍ଥନୈତିକ ସମତା

iii) ସାମାଜିକ ନ୍ୟାୟ

iv) ଛୁଆଁ ଅଛୁଆଁ ଭେଦଭାବ

ଘ) ଆଗେ କ'ଣ ପାସ୍‌କରି ଲୋକେ ମାଜିଷ୍ଟ୍ରେଟ୍ କାମ ଚଳାଇ ଦେଉଥିଲେ ?

i) ବି.ଏ.

ii) ଏମ.ଏ.

iii) ମାଟ୍ରିକ୍ୟୁଲେସନ୍

iv) ଇଣ୍ଟରମିଡିଏଟ୍

ଙ) କିଏ ଶାନ୍ତି ଓ ମୈତ୍ରୀ ସବୁ ବାଂଟିଦେଇ ନିଜେ କାଂଗାଳ ହୋଇ ବସିଥାନ୍ତି ?

i) ସାକ୍ଷିଗୋପାଳ

ii) ନୀଳାଚଳ-ନାଥ

iii) ଭୁବନମୋହନ କୋଣାର୍କ

iv) ଉତ୍କଳବାସୀ

୧୨ । ଲେଖା ଓ ଲେଖକଙ୍କ ନାମୋଲ୍ଲେଖସହ ଦୁଇଟି ଲେଖାଏଁ ବାକ୍ୟରେ ଯେ କୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ : ୨ × ୨ = ୪

କ) ଚିନ୍ତାଶୀଳ ମନୁଷ୍ୟ ସର୍ବତ୍ର ସର୍ବପ୍ରକାର ବିରୋଧ ମଧ୍ୟରେ କ'ଣ ଦର୍ଶନ କରେ ?

ଖ) ଯୋଗ୍ୟତା ନ ଦେଖି କିଏ ଉଚ୍ଚ ଅଧିକାର ଦିଅନ୍ତି ନାହିଁ ?

ଗ) ମୌଳିକ ପୁସ୍ତକ ଲେଖାହୋଇ ନପାରିଲେ କ'ଣ ହେବ ?



https://www.odishaboard.com

୧୩ । ଯେ କୌଣସି ତିନୋଟି ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ : ୧ × ୩ = ୩

କ) ଅତୀତର ସନ୍ତାନ ଭବିଷ୍ୟତର କ'ଣ ରୂପେ ଦଣ୍ଡାୟମାନ ?

ଖ) ଭଲମନ୍ଦ ଚିହ୍ନିବାର ଯୋଗ୍ୟତା ଯେଉଁଠାରେ ନାହିଁ ସେଠାରେ ମୁଖ୍ୟତଃ କାହାର ଜୟ ହୁଏ ?

ଗ) ଇତିହାସର ପ୍ରତିଲୋମରେ ଗତିକଲେ ବାଗିବାହ କ'ଣ ଜାଣିବ ବୋଲି ଲେଖକ କହିଛନ୍ତି ?

ଘ) 'ଶାସକ ଓ ବିଶେଷଜ୍ଞ' ଶୀର୍ଷକ ଅଗ୍ରଲେଖ କେଉଁ ସମ୍ବାଦପତ୍ରରେ ପ୍ରକାଶ ପାଇଥିଲା ?

୧୪ । ପ୍ରତ୍ୟେକ ପ୍ରଶ୍ନର ଚାରୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ସେଥିରୁ ଯଥାର୍ଥ ଉତ୍ତରଟି ବାଛ । ୧ × ୪ = ୪

କ) ଧନସମ୍ପଦ ଓ କେଉଁ ମାଳା ତା'ର ଦରକାର ନାହିଁ ବୋଲି ପିଙ୍ଗଳା କହିଛି ?

i) ମରକତ ମାଳା

ii) ମଣିକାଞ୍ଚନ ମାଳା

iii) ସ୍ୱର୍ଣ୍ଣଚମ୍ପା ମାଳା

iv) ହୀରକ ମାଳା

ଖ) ପାପାର୍ଜିତ ଧନରେ କ'ଣ ଅର୍ଜନ କରୁଛ ବୋଲି କୁହାଯାଇଛି ?

i) ପୁଣ୍ୟ

ii) ପାପ

iii) ଧର୍ମ

iv) ଯଶ



https://www.odishaboard.com

ଗ) ଗତ ଦୁଃଖର କାହାଣୀ କିଏ ଶୁଣାଇବେ ବୋଲି କୁହାଯାଇଛି ?

i) ବାଲ୍ମୀକି

ii) ସୀତା

iii) ଶିଶୁଦ୍ୱୟ

iv) ଆଶ୍ରମବାସୀ

ଘ) ଦାରୁଣ କଷଣ ବୋଲି କାହାକୁ କୁହାଯାଇଛି ?

i) ବନ୍ଦୀ ଜୀବନ

ii) ପ୍ରିୟଜନ ବିରହ

iii) ଯମ ଯନ୍ତ୍ରଣା

iv) ବିଦାୟ ବେଳା

ଙ) କେଉଁଠାରୁ ଦୂତ ଆସିଅଛି ?

i) ସ୍ୱର୍ଗରୁ

ii) ଶତାବ୍ଦୀର ସିଂହଦ୍ୱାରରୁ

iii) ରାଜପ୍ରାସାଦରୁ

iv) ଆଲୋକ ରାଜ୍ୟରୁ

୧୫ । ଯେ କୌଣସି ତିନୋଟି ପ୍ରଶ୍ନର ଉତ୍ତର *ଗୋଟିଏ* ଲେଖାଏଁ ବାକ୍ୟରେ ଦିଅ : https://www.odishaboard.com ୧ × ୩ = ୩

କ) କାହା ସମ ନିକ୍ଷେପିତ ହୁଅ ବୋଲି କୁହାଯାଇଛି ?

ଖ) ସୃଷ୍ଟିର ତଳେ କାହା ସମ ବିଷମ ବିଷ ସୃଜିଲି ବୋଲି ପିଙ୍ଗଳା କହିଛି ?

ଗ) କଟାକ୍ଷ ନକରି ଆଉ ଦଣ୍ଡେ ରହିବାକୁ କବି କାହାକୁ ଅନୁରୋଧ କରିଛନ୍ତି ?

ଘ) ସତୀ ଲେଖୁଥିବା ପତ୍ର କେଉଁଥିରେ ଧୌତ ହେଉଥାଏ ବୋଲି କବି କହିଛନ୍ତି ?



https://www.odishaboard.com

୧୬ । ଲେଖା ଓ ଲେଖକଙ୍କ ନାମୋଲ୍ଲେଖସହ ୩୦ ଶବ୍ଦରେ ଯେ କୌଣସି **ଗୋଟିଏ** ଉତ୍ତର ଦିଅ : ୩

କ) ରାଜାମାନେ କ'ଣ ମନାସି ମାଲଖାନା ପୂରାଇବାକୁ ଟାକି ରହିଥାନ୍ତି ?

ଖ) ପକ୍ଷିମାନେ କାହିଁକି ଉଚ୍ଚ ସ୍ୱରରେ କରୁଣ ଗାନ କରୁଥିବା କଥା କବି କହିଛନ୍ତି ?

୧୭ । ଲେଖା ଓ ଲେଖକଙ୍କ ନାମୋଲ୍ଲେଖସହ *ଦୁଇଟି* ଲେଖାଏଁ ବାକ୍ୟରେ ଯେ କୌଣସି **ଦୁଇଟି** ପ୍ରଶ୍ନର ଉତ୍ତର ଦିଅ : ୨ × ୨ = ୪

କ) ଧର୍ମ ନାମକ ପୋତ ବିଧି କାହିଁକି ଗଢ଼ିଛନ୍ତି ?

ଖ) ରବି କେଉଁ ଆସନରେ ବସି ହସୁଥିବା କଥା କୁହାଯାଇଛି ?

ଗ) ମାନବ ଆତ୍ମାକୁ ଯୁଗଯୁଗ ଧରି କ'ଣ ପୀଡ଼ା ଦେଇଛି ବୋଲି କୁହାଯାଇଛି ?

୧୮ । *୧୫୦* ଶବ୍ଦରେ ଉତ୍ତର ଦିଅ : ୫

ବାରିଦକୁ ସଂବୋଧନ କରି ଲେଖକ ଉତ୍କଳର ଅତୀତର ଯେଉଁ ଗାଥା ଉପସ୍ଥାପନ କରିଛନ୍ତି, ପଠିତ ପ୍ରବନ୍ଧ ଆଧାରରେ ଆଲୋଚନା କର ।

**ଅଥବା**

ପଠିତ ପ୍ରବନ୍ଧ ଅନୁସରଣରେ ଶିକ୍ଷାକୁ ଆମ ଦେଶରେ ଶୀର୍ଷ ସ୍ଥାନ ଦେବାକୁ ଲେଖକଙ୍କ ଯୁକ୍ତିର ଯଥାର୍ଥତା ବିଚାର କର ।

୧୯ । ଲେଖା ଓ ଲେଖକଙ୍କ ନାମୋଲ୍ଲେଖସହ *୩୦* ଶବ୍ଦରେ ଯେ କୌଣସି **ଗୋଟିକର** ଉତ୍ତର ଦିଅ : ୩

କ) 'ଗଣଙ୍କ ଦ୍ୱାରା' ଶାସନର ଅର୍ଥ କ'ଣ ବୋଲି ଲେଖକ କହିଛନ୍ତି ?

ଖ) କଟକର ପରିଚୟ ଓ ବୈଶିଷ୍ଟ୍ୟ କିଭଳି ଦର୍ଶା ପାଇଛି ?



https://www.odishaboard.com

୨୦ । ୧୫୦ ଶବ୍ଦରେ ଯେ କୌଣସି *ଗୋଟିଏ* ପ୍ରଶ୍ନର ଉତ୍ତର ଦିଅ : 8

ପଠିତ ଗଳ୍ପ ଆଧାରରେ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଅରୁଣ ଗ୍ରହଣ କରିଥିବା ଭୂମିକା ଉପରେ ଆଲୋକପାତ କର ।

**ଅଥବା**

ମାତାଜୀଙ୍କ ସହ ଅଶୋକଙ୍କ ଶେଷ ସାକ୍ଷାତର ଏକ ବିବରଣୀ ପ୍ରଦାନ କର ।

୨୧ । ନିମ୍ନ କବିତାଟି ପଢ଼ି ଏଥିସହିତ ସଂଯୁକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର *ଗୋଟିଏ* ଲେଖାଏଁ ବାକ୍ୟରେ ଦିଅ : ୧ × ୫ = ୫

ପଶ୍ଚିମର ଚକ୍ରବାଳେ ବୁଡ଼ଇ ଭାସ୍କର
ପ୍ରଶାନ୍ତ ଦିଗନ୍ତ-ଛାୟା ଆବରେ ଅମ୍ବର ।
ନିଃଶବ୍ଦେ ଗମ୍ଭୀରେ ଧୀରେ ସଂଧ୍ୟା ଶାନ୍ତିମୟୀ
ଶ୍ରାନ୍ତ ମହୀ-ଶିରେ ଶାନ୍ତି ବାରି ବରଷଇ ।
ଦିବା ଅବସାନେ ଶ୍ରାନ୍ତ ମୁହିଁ ପାଛଜନ
ଗୃହଧ୍ୟାନେ ଗୁଲୁଅଛି ଚଞ୍ଚଳ ଚରଣ ।
ସହସା ସୁଦୂର ଗ୍ରାମେ ବାଜେ ଶଂଖଧ୍ୱନି
ସମ୍ମିତ ସେ ନାଦେ କେତ୍ହେ ନିଖିଳ ଅବନୀ ।
କ୍ଷଣେ କର୍ଣ୍ଣ ଡେରି ଆହା ସେ ସ୍ୱର ଲହରୀ
ଶୁଣିଲି ମୁଁ ଅତମ୍ଭିତେ ସ୍ୱପ୍ନାବିଷ୍ଟ ପରି ।
ତହୁଁ ମହା ଜାଗରଣେ ଜାଗିଲା ମୋ ପ୍ରାଣ
ଶୁଣିଲି ସେ ଧ୍ୱନି ମଧ୍ୟେ ମହାସିନ୍ଧୁ-ତାନ ।
ଅନନ୍ତ ଅର୍ଣ୍ଣବ-ଧ୍ୱନି ମହା ମହୋଦାର
ଅର୍ଣ୍ଣବ ସମ୍ଭବ ଶଂଖେ କରୁଛି ବିହାର ।



https://www.odishaboard.com

ମହା ଅର୍ଣ୍ଣବର ମହା- ପ୍ରଣବ ଝଂକାର
ମନ୍ଦ୍ର ନାଦେ ଶଂଖ ଆହା ଘୋଷେ ଅନିବାର ।
"ଅନନ୍ତ କୃପାର ସିନ୍ଧୁ ମୋର ମହାଳୟ
ମୋ ଅନ୍ତର ଅନନ୍ତର ନାଦେ ନାଦମୟ ।
ସେ ଅମୃତ ଆଳୟରୁ ହୋଇ ଅନ୍ତରିତ
ଭୁଲିବି କି ମୋହେ ତା'ର ଅମୃତ ସଂଗୀତ ?
କ୍ଷୁଦ୍ରାଦପି କ୍ଷୁଦ୍ରତର ମର୍ତ୍ତ୍ୟ-ଗୃହପାଇଁ
ଅବିଦ୍ୟା-ପ୍ରମାଦେ ପାନ୍ଥ ହେଲେ କି ହେ ବାଇ ?
କେମନ୍ତେ ହେ ପାସୋରିଲ ଜନ୍ମଭୂମି କଥା
କାହିଁ ତୁମ୍ଭ ରଚନାରେ ଅମୃତ ବାରତା ?
ଆସ ଆସ ସୁଗମ୍ଭୀର ମହାବେଦ-ତାନେ
ଜଗତେ ଜଣାଅ ସର୍ବ ଅନନ୍ତ ସନ୍ତାନେ ।
ଅନନ୍ତେ ଜୀବନ-ସ୍ଫୁର୍ତ୍ତି ଅନନ୍ତେ ଅଭୟ
ମର୍ତ୍ତ୍ୟ-ପ୍ରବାସରେ ଗାଅ ଅମୃତର ଜୟ ।"

**ପ୍ରଶ୍ନାବଳୀ :**

କ) ସୁଦୂର ଗ୍ରାମରେ ବାଜୁଥିବା ଶଂଖଧ୍ୱନି ଶୁଣି କ'ଣ ମନେ ହୁଏ ?

ଖ) କାହାକୁ କ୍ଷୁଦ୍ରାଦପି କ୍ଷୁଦ୍ର କୁହାଯାଇଛି ?

ଗ) 'ଅର୍ଣ୍ଣବ ସମ୍ଭବ ଶଂଖେ'ର ତାତ୍ପର୍ଯ୍ୟ କ'ଣ ?

ଘ) ଦିନର ଅବସାନ ହୁଅନ୍ତେ ପାନ୍ଥ କ'ଣ କରୁଛି ବୋଲି କୁହାଯାଇଛି ?

ଙ) କାହା ମଧ୍ୟରେ କବି ମହାସିନ୍ଧୁର ତାନ ଶୁଣିଲେ ବୋଲି କହିଛନ୍ତି ?



https://www.odishaboard.com